# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE
REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | FEBRUARY 2024 | No.12


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୧୨:୧–୧୦)

୧ ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର, ଯେଉଁ ଜନ ସଦାପ୍ରଭୁଙ୍କୁ ଭୟ କରେ, ଯେ ତାହାଙ୍କ ଆଜ୍ଞାସବୁରେ ଅତିଶୟ ସନ୍ତୁଷ୍ଟ ହୁଏ, ସେ ଧନ୍ୟ ।

୨ ତାହାର ବଂଶ ପୃଥିବୀରେ ବିକ୍ରମଶାଳୀ ହେବେ; ସରଳ ଲୋକର ବଂଶ ଆଶୀର୍ବାଦପ୍ରାପ୍ତ ହେବେ ।

୩ ତାହାର ଗୃହରେ ଧନ ସମ୍ପତ୍ତି ଥାଏ ଓ ତାହାର ଧର୍ମ ସଦାକାଳସ୍ଥାୟୀ

୪ ସରଳ ଲୋକଙ୍କ ପ୍ରତି ଅନ୍ଧକାରରେ ଦୀପ୍ତି ଉଦିତ ହୁଏ; ସେ କୃପାମୟ ଓ ସ୍ନେହଶୀଳ ଓ ଧାର୍ମିକ ।

୫ ଯେଉଁ ଜନ କୃପା କରେ ଓ ଋଣ ଦିଏ, ତାହାର ମଙ୍ଗଳ ହୁଏ; ସେ ସୁବିଚାରରେ ଆପଣା କଥା ନିଷ୍ପନ୍ନ କରିବ ।

୬ କାରଣ ସେ କଦାପି ବିଚଳିତ ନୋହିବ; ଧାର୍ମିକ ଲୋକ ଅନନ୍ତକାଳ ସ୍ମରଣରେ ରହିବ ।

୭ ସେ କୁସମ୍ବାଦ ଶୁଣି ଭୀତ ହେବ ନାହିଁ । ତାହାର ଚିତ୍ତ ସଦାପ୍ରଭୁଙ୍କଠାରେ ନିର୍ଭର ରଖି ସ୍ଥିର ଥାଏ ।

୮ ସେ ଆପଣା ବିପକ୍ଷଗଣ ଉପରେ ନିଜ ବାଞ୍ଛାର ସିଦ୍ଧି ଦେଖିବା ପର୍ଯ୍ୟନ୍ତ, ତାହାର ଚିତ୍ତ ସୁସ୍ଥିର ଥାଏ, ସେ ଭୀତ ହେବ ନାହିଁ ।

୯ ସେ ବିତରଣ କରିଅଛି, ସେ ଦୀନହୀନମାନଙ୍କୁ ଦାନ କରିଅଛି; ତାହାର ଧର୍ମ ସଦାକାଳସ୍ଥାୟୀ; ସମ୍ଭ୍ରମରେ ତାହାର ଶୃଙ୍ଗ ଉନ୍ନତ ହେବ ।

୧୦ ଦୁଷ୍ଟ ଲୋକ ତାହା ଦେଖିବ ଓ ବିରକ୍ତ ହେବ; ସେ ଆପଣା ଦନ୍ତ ଘର୍ଷଣ କରିବ ଓ ତରଳିଯିବ; ଦୁଷ୍ଟମାନଙ୍କର ବାଞ୍ଛା ବିନଷ୍ଟ ହେବ ।

## ଈଶ୍ୱରଙ୍କ ହସ୍ତ ମଙ୍ଗଳ ନିମନ୍ତେ ଆପଣଙ୍କ ଉପରେ ଅଛି !

(GOD'S HANDS UPON YOU FOR GOOD !)


ସମ୍ମାନନୀୟା, ମୁଖ୍ୟ ସଂପାଦିକା, ରେଭ.ଆଞ୍ଜେଲା ସେଲ୍‌ଭାକୁମାରୀ


**"... ମୋ' ପ୍ରତି ମୋର ପରମେଶ୍ୱରଙ୍କ ମଙ୍ଗଳମୟ ହସ୍ତ....."**
**ନିହିମିୟା ୨:୧୮ ।**



ଈଶ୍ୱରଙ୍କ ହସ୍ତ ସମ୍ବନ୍ଧୀୟ ଚିନ୍ତାଧାରା ରହସ୍ୟଜନକ ଅଟେ । ବାଇବଲର କିଙ୍ଗ ଜେମ୍‌ସ ଅନୁବାଦରେ "ସଦାପ୍ରଭୁଙ୍କର ହସ୍ତ" ପଦଟିକୁ ୩୯ ଥର ବ୍ୟବହାର କରାଯାଇଛି, ସେଥି ମଧ୍ୟରୁ ୩୬ ଥର ପୁରାତନ ନିୟମରେ ଓ ୩ ଥର ନୂତନ ନିୟମରେ ଉଲ୍ଲିଖିତ ଅଛି । ଏହା ସହିତ "ଈଶ୍ୱରଙ୍କ ହସ୍ତ" ବାଇବଲରେ ୧୬ଥର, ଅର୍ଥାତ୍ ପୁରାତନ ନିୟମରେ ୭ ଥର ଓ ନୂତନ ନିୟମରେ ୯ ଥର ଉଲ୍ଲିଖିତ ଅଛି । କେବଳ ପୁରାତନ ନିୟମ ସମୟରେ ନୁହେଁ, ମାତ୍ର ଆଜି ମଧ୍ୟ "ଈଶ୍ୱରଙ୍କ ହସ୍ତ" ପଦଟିରେ ବହୁ ଗୁରୁତ୍ୱ ରହିଛି । ଆମ ଜୀବନରେ ଈଶ୍ୱରଙ୍କ ହସ୍ତ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ ?

★ ପ୍ରେରିତ ୭:୫୦ରେ ଉଲ୍ଲେଖ ଅଛି ଯେ ସେ ନିଜ ହସ୍ତ ଦ୍ୱାରା ସମସ୍ତ ବିଷୟ ନିର୍ମାଣ କରିଥିଲେ ।


*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*





**ଆହ୍ୱାନର ପ୍ରତିଧ୍ୱନିର**

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

**ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ**

**୫ ମିନିଟ୍‌ର ବାର୍ତ୍ତା !!**


**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**

**ପ୍ରତିଦିନ ଭୋର ୨ ଟାରେ**

**ତାମିଲ ରବିବାର ଉପାସନା – ସକାଳ ୮.୩୦ରେ**

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS




# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



"... ଦେଖ, ନଦୀ ତୀରର ଏ ପାଖରେ ଓ ସେ ପାଖରେ ଅନେକ ବୃକ୍ଷ ଥିଲା" (ଯିହିଜିକଲ ୪୭:୭) ।

## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM., MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran
EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

### ଯୀଶୁ ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

*ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଆପଣମାନଙ୍କୁ ଉଷ୍ମ ଅଭିବାଦନ ଜଣାଉଅଛୁ ।*

*ଆମେ **'ଆହ୍ୱାନର ପ୍ରତିଧ୍ୱନି'**ର ବିଭିନ୍ନ କାର୍ଯ୍ୟ ନିମନ୍ତେ ଆପଣମାନଙ୍କର ସ୍ଥିର ପ୍ରାର୍ଥନା ଓ ଅର୍ଥ ସହାୟତା ପାଇଁ ଆମର ହୃଦୟସ୍ପର୍ଶୀ କୃତଜ୍ଞତା ଜଣାଉଅଛୁ । ଆପଣ ମାନଙ୍କର ଉତ୍ସର୍ଗ ଈଶ୍ୱରଙ୍କ ଦ୍ୱାରା ନିଶ୍ଚୟ ପୁରସ୍କୃତ ହେବ ।*




ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଶିକ୍ଷୟିତ୍ରୀମାନେ – ବଡ଼ଦିନ ଗୀତ

*ବର୍ତ୍ତମାନର ଉତ୍ସବ ସମୟର ଆଲୋକରେ (ବଡ଼ଦିନ, ନୂଆବର୍ଷ ଓ ସଣ୍ଡେସ୍କୁଲ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ) ଆମେ ସନ୍ତୋଷପୂରମ୍, ବାଲାଜୀ ନଗର, ଭେଲାଚେରୀ ଓ ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ଥିବା ବିଭିନ୍ନ ଅଞ୍ଚଳରେ ସୁସମାଚାର ପ୍ରଚାର ସଭାର ଆୟୋଜନ କରିଥିଲୁ । ପ୍ରତିକ୍ରିୟା ପ୍ରକୃତରେ ପ୍ରେରଣା ଦାୟକ ଥିଲା, କାରଣ ଈଶ୍ୱରଙ୍କ ଉପସ୍ଥିତି ଲୋକମାନଙ୍କର ହୃଦୟକୁ ସ୍ପର୍ଶ କରିଥିଲା । ଆମେ ନୂତନ ବର୍ଷରେ ଆମର ଆଗାମୀ କାର୍ଯ୍ୟକ୍ରମ ପାଇଁ ବିନମ୍ରତାର ସହିତ ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନାର ଅନୁରୋଧ କରୁଅଛୁ ।*



ବଡ଼ଦିନ ସମୟରେ ଆମ ବରିଷ୍ଠ ପାଳକଙ୍କର କ୍ଷେତ୍ର–ସେବାକାର୍ଯ୍ୟ



**ସ୍ୱୀକୃତି ପାଇଁ କାର୍ଯ୍ୟ କରୁଥିବା ଦଳ ସହିତ ଆମର ପାଷ୍ଟର**

*ଆମେ ଆନନ୍ଦର ସହିତ ଆପଣମାନଙ୍କୁ ଜଣାଉଅଛୁ ଯେ ଆମର ନିହିମିୟା ବାଇବଲ କଲେଜ ପାଇଁ ଏସିଆ ଥିଓଲୋଜିକାଲ ଆସୋସିଏସନ୍ (ATA) ଠାରୁ ସ୍ୱୀକୃତି ପାଇବାର ପ୍ରକ୍ରିୟା ଚାଲୁ ରହିଅଛି । ଏହି ପ୍ରକ୍ରିୟାର ସଫଳ ସମାପ୍ତି ନିମନ୍ତେ ଆପଣମାନଙ୍କର ପ୍ରାର୍ଥନାକୁ ବହୁଳ ଭାବରେ ଆଶା କରାଯାଉଅଛି । ଏହା ସହିତ, ଆମେ ନିହିମିୟା ବାଇବଲ କଲେଜର ଲାଇବ୍ରେରୀ ପାଇଁ ହିନ୍ଦୀ ଭାଷାରେ ଥିଓଲୋଜିକାଲ ପୁସ୍ତକ ଆବଶ୍ୟକ କରୁଅଛୁ । ଯଦି ଆପଣମାନଙ୍କ ନିକଟରେ ଏହିପ୍ରକାର ପୁସ୍ତକଗୁଡ଼ିକ ବିଷୟରେ କୌଣସି ସମ୍ବାଦ ଅଛି, ତେବେ ଦୟାକରି ଆମକୁ ସାହାଯ୍ୟ କରନ୍ତୁ ।*

*ବିଗତ ବର୍ଷ ପ୍ରତି ଦୃଷ୍ଟିପାତ କଲେ, ଆମେ ଦେଖୁ ଯେ ଆମର କେତେକ ସହକର୍ମୀ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ପ୍ରାର୍ଥନାର ଶକ୍ତି ମାଧ୍ୟମରେ, ଈଶ୍ୱର ସେମାନଙ୍କୁ ସୁସ୍ଥ କରିଥିଲେ ଓ ଅନ୍ୟମାନେ ଏପର୍ଯ୍ୟନ୍ତ ଆପଣମାନଙ୍କର ପ୍ରାର୍ଥନା ସହାୟତା ଆବଶ୍ୟକ କରୁଛନ୍ତି ।*

*ଆମେ ଅଗ୍ରସର ହେବା ସମୟରେ, ଆମେ କରୁଥିବା କାର୍ଯ୍ୟ ନିମନ୍ତେ ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନା ଲୋଡୁଅଛୁ । ଦୟାକରି ଏହି ବିଷୟରେ ସୁନିଶ୍ଚିତ ହୁଅନ୍ତୁ ଯେ ଆମେ ମଧ୍ୟ ଆପଣମାନଙ୍କୁ ଆମ ପ୍ରାର୍ଥନାରେ ଧରିଅଛୁ ।*

*କୃତଜ୍ଞତା ଓ ଆଶୀର୍ବାଦ ସହିତ,*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଆଲେକ୍ସ ସାମ୍‌ସନ୍ ସାମ୍**

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ**

(+91) 98412 71858 / 98410 71858,

E.mail : sam@echoofhiscall.org

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

- ଯାବେଜ ଏହି ଗୁରୁତ୍ୱ ବିଷୟରେ ଜାଣିଥିଲେ । ସେଥିପାଇଁ ସେ କହିଥିଲେ, ''ତୁମ୍ଭର ହସ୍ତ ମୋହର ସହବର୍ତ୍ତୀ ହେବ ।'' ଯଦି ପ୍ରତ୍ୟେକ କାର୍ଯ୍ୟରେ ଓ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଈଶ୍ୱରଙ୍କ ହସ୍ତ ଆମ ସହିତ ଥାଏ, ତେବେ ଏହା ଏକ ଉଲ୍ଲେଖ ଯୋଗ୍ୟ ଭିନ୍ନତା ସୃଷ୍ଟି କରିବ । ଆମ ମଧ୍ୟରୁ କେତେ ଜଣ ଏହା କହିପାରିବେ ?
- **''ମୋହର ସମୟ ସବୁ ତୁମ୍ଭର ହସ୍ତଗତ''** (ଗୀତସଂହିତା ୩୧:୧୫) ।
- ''ଆମ୍ଭେମାନେ ଈଶ୍ୱରଙ୍କର **ହସ୍ତକୃତ କର୍ମ**'' (ଗୀତସଂହିତା ୧୩୮:୮) ।
- **''ଆମର ପ୍ରାଣ ବାୟୁ ତାଙ୍କ ହସ୍ତରେ ଅଛି''** (ଦାନିୟେଲ ୫:୨୩) ।
- ''ଆକାଶମଣ୍ଡଳ ଈଶ୍ୱରଙ୍କ **ହସ୍ତକୃତ କର୍ମ** ଘୋଷଣା କରେ'' (ଗୀତସଂହିତା ୧୯:୧) ।
- ଯେତେବେଳେ ମୁଁ ଓ ଆପଣ ଆମ ହସ୍ତକୁ ଏକତ୍ର ଧରି ଈଶ୍ୱରଙ୍କ ହସ୍ତରେ ରଖିବା, ସେତେବେଳେ ଏହା ଏକ ଉଲ୍ଲେଖଯୋଗ୍ୟ ଭିନ୍ନତା ସୃଷ୍ଟି କରିବ ।''

ଆସନ୍ତୁ, ଈଶ୍ୱରଙ୍କ ହସ୍ତ ଯାହାସବୁ କରିପାରେ, ସେଗୁଡ଼ିକ ମଧ୍ୟରୁ କେତୋଟି ବିଷୟ ଉପରେ ଚିନ୍ତା କରିବା ।

## ୧. ସୃଷ୍ଟିକାରୀ ହସ୍ତ

ଈଶ୍ୱରଙ୍କ ହସ୍ତ ଏକ ସର୍ଜନାର ହସ୍ତ ଅଟେ । ସେ ଅସ୍ତିତ୍ୱ ନ ଥିବା ବିଷୟର ସୃଷ୍ଟି କରିପାରନ୍ତି । ସେ **''ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି''** (ରୋମୀ ୪:୧୭) । ତାଙ୍କର ହସ୍ତ ନୂତନ ବିଷୟ ସବୁ ସୃଷ୍ଟି କରିପାରେ । ସେ ସୃଷ୍ଟିକର୍ତ୍ତା ଅଟନ୍ତି । କେବଳ ସେତିକି ନୁହେଁ, ତାଙ୍କ ହସ୍ତ ମୃତ ବିଷୟକୁ ଜୀବନ୍ତ କରିପାରେ । ଯେତେବେଳେ ତାଙ୍କର ହସ୍ତ କୌଣସି ମୃତ, ନିର୍ଜୀବ, କିମ୍ବା କୌଣସି ଭବିଷ୍ୟତ୍ ନ ଥିବା ଭଳି ମନେ ହେଉଥିବା ବିଷୟକୁ ସ୍ପର୍ଶ କରେ, ସେତେବେଳେ ସେହି ହସ୍ତ ସେଗୁଡ଼ିକୁ ଜୀବନ୍ତ ଓ ସମୃଦ୍ଧ କରିପାରେ । ତାହା ହିଁ ତାଙ୍କ ହସ୍ତର ଶକ୍ତି ଅଟେ । ଯେତେବେଳେ ତାଙ୍କର ହସ୍ତ ନାଇନର ବିଧବାର ପୁତ୍ରକୁ ସ୍ପର୍ଶ କରିଥିଲା, ସେତେବେଳେ ସେ ଜୀବିତ ହୋଇଥିଲା । ସେ ତା'ର ପୁତ୍ରକୁ କେବଳ ଜୀବିତ କରିଥିଲେ, ତା' ନୁହେଁ, ମାତ୍ର ସେ ସେହି ବିଧବାର ମୃତ ପରିସ୍ଥିତିକୁ ସଜୀବ କରି ତା' ନିକଟକୁ ଆନନ୍ଦ, ଆଶା ଓ ବିଶ୍ୱାସ ଫେରାଇ ଆଣିଥିଲେ ।

ତାଙ୍କର ସ୍ପର୍ଶ ତା' ଜୀବନରେ ଏକ ନୂତନ ଉଦ୍ଦେଶ୍ୟ ଆଣି ତା'ର ସ୍ଥିତିକୁ ଏକ ନୂତନ ଅର୍ଥ ପ୍ରଦାନ କରିଥିଲା । ସେ ଯାଇ ଶବାଧାରକୁ ସ୍ପର୍ଶ କରିବା ମାତ୍ରେ ଶବବାହକ ମାନେ ସ୍ଥିର ହୋଇ ଠିଆ ହୋଇଗଲେ । ଯୀଶୁ ସେହି ମୃତ ବ୍ୟକ୍ତିକୁ ସମ୍ବୋଧନ କରି କହିଲେ, **''ଯୁବକ, ମୁଁ ତୁମ୍ଭକୁ କହୁଅଛି, ଉଠ !'' ଆଶ୍ଚର୍ଯ୍ୟଜନକ ଭାବରେ, ସେହି ମୃତ ଲୋକଟି ଉଠି ବସିଲା, ଆଉ କଥା କହିବାକୁ ଲାଗିଲା, ପୁଣି ଯୀଶୁ ତାହାକୁ ତାହାର ମାତାର ହସ୍ତରେ ସମର୍ପଣ କରିଥିଲେ** (ଲୂକ ୭:୧୪,୧୫) ।

ଆମେ ଏପର୍ଯ୍ୟନ୍ତ ଏହି ବର୍ଷର ପାର୍ଥିବ ପର୍ଯ୍ୟାୟରେ ରହିଥିବାରୁ, ଆଗରେ ଥିବା ଆହ୍ୱାନଗୁଡ଼ିକ ବିଷୟରେ ଅନିଶ୍ଚିତ ଅନୁଭବ କରିବା ସ୍ୱାଭାବିକ ଅଟେ । ଆପଣ ହୁଏତ ଏକ ଚରମ ଦଶାର ସମ୍ମୁଖୀନ ହୋଇ, ବାହାରିବାର କୌଣସି ମାର୍ଗ ଅଛି କି ନାହିଁ କିମ୍ବା ଏହା ପରେ କ'ଣ କରିବାକୁ ହେବ ବୋଲି ଭାବୁଛନ୍ତି । ଯଦିଓ ଏହି ବର୍ଷ କେବଳ ଗୋଟିଏ ମାସ ବିତିଛି, ତଥାପି ସାଂପ୍ରତିକ ଘଟଣାଗୁଡ଼ିକ ବର୍ଷର ଅବଶିଷ୍ଟ ଦିନଗୁଡ଼ିକ ବିଷୟରେ ଚିନ୍ତିତ କରାଉଅଛି । ମୁଁ କିପରି ଏହାକୁ ନିୟନ୍ତ୍ରଣ କରିବି ?

ପ୍ରିୟ ବନ୍ଧୁଗଣ, ଆପଣଙ୍କ ଜୀବନର ମୃତ କ୍ଷେତ୍ରଗୁଡ଼ିକ ମଧ୍ୟରେ ପ୍ରାଣ ବାୟୁ ପ୍ରବେଶ କରାଇବା ପାଇଁ ଈଶ୍ୱରଙ୍କୁ ଅନୁମତି ଦେବା ଅତ୍ୟାବଶ୍ୟକ ଅଟେ । ଏହା ସ୍ୱୀକାର କରନ୍ତୁ ଯେ ସେଗୁଡ଼ିକ ବନ୍ଧ୍ୟା ଓ ଅନୁର୍ବର ଅଟେ ଓ ଏହାପରେ ସେଗୁଡ଼ିକୁ ପୁନର୍ଜୀବିତ କରିବା ପାଇଁ ଈଶ୍ୱରଙ୍କୁ ଅନୁମତି ଦିଅନ୍ତୁ । ଏହି ପ୍ରକ୍ରିୟା ମଧ୍ୟରେ ଆତ୍ମ-ଚିନ୍ତନ ଓ ଆତ୍ମ-ଉପଲବ୍ଧି ଅନ୍ତର୍ଭୁକ୍ତ ଅଟେ ।

## ୨. ସନ୍ତୁଷ୍ଟକାରୀ ହସ୍ତ

**''ତୁମ୍ଭେ ଆପଣାର ହସ୍ତ ମେଲାଇ ପ୍ରତ୍ୟେକ ପ୍ରାଣୀର କାମନା ପୂର୍ଣ୍ଣ କରୁଅଛ'' (ଗୀତ ୧୪୫:୧୬) ।**

ଈଶ୍ୱରଙ୍କ ହସ୍ତ ସନ୍ତୋଷର ଏକ ଉତ୍ସ ଅଟେ । ସେ ତାଙ୍କ ଲୋକମାନଙ୍କର ଇଚ୍ଛା ପୂରଣ କରିବାରେ ଆନନ୍ଦ ପାଆନ୍ତି । ଗୀତସଂହିତା ୧୪୫:୧୯ରେ ଲେଖାଅଛି, **''ସେ ଆପଣା ଭୟକାରୀମାନଙ୍କ ବାଞ୍ଛା ପୂର୍ଣ୍ଣ କରିବେ ।''** ଗୀତସଂହିତା ୩୭:୪ରେ ମଧ୍ୟ ଲେଖାଅଛି, **''ମଧ୍ୟ ସଦାପ୍ରଭୁଙ୍କଠାରେ ଆନନ୍ଦ କର, ତହିଁରେ ସେ ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରିବେ ।''** ଅନେକ ଥର, ଯେତେବେଳେ ଆମେ ଏହି ପଦକୁ ପଢୁ, ସେତେବେଳେ ଆମ ହୃଦୟର ପ୍ରତ୍ୟେକଟି ଇଚ୍ଛାକୁ ଈଶ୍ୱର ପୂରଣ କରିବେ ବୋଲି ଆଶା କରୁ । କିନ୍ତୁ ଯେତେବେଳେ ଆମେ ଯାହା

ଚାହୁଁ, ତାହା ପାଉ ନାହୁଁ, ସେତେବେଳେ ଆମେ ନିରୁତ୍ସାହିତ ହେଉ ଓ ଈଶ୍ୱର ତାଙ୍କ ପ୍ରତିଜ୍ଞା ରକ୍ଷା କଲେ ନାହିଁ ବୋଲି ଅଭିଯୋଗ କରୁ ।

ପ୍ରିୟ ବନ୍ଧୁଗଣ, ଯେତେବେଳେ ଆମେ ଏହି ପଦକୁ ପଢୁ, ସେତେବେଳେ ଆମକୁ ଏହା ବୁଝିବାକୁ ହେବ ଯେ କେବଳ ଈଶ୍ୱର ହିଁ ଆମକୁ ସନ୍ତୁଷ୍ଟ କରନ୍ତି, ମାତ୍ର ଏହା କେବଳ ସେହିମାନଙ୍କ ପାଇଁ ଯେଉଁମାନେ ତାଙ୍କୁ ଭୟ କରନ୍ତି । ଏହାର କାରଣ ହେଉଛି ତାଙ୍କର ଭୟକାରୀମାନଙ୍କର ଇଚ୍ଛା ଓ ଅଭିଳାଷ ତାଙ୍କ ନିଜସ୍ୱ ଇଚ୍ଛା ସହିତ ମିଳନରେ ରହିବ । ଯେତେବେଳେ ଈଶ୍ୱର ଇସ୍ରାଏଲୀୟମାନଙ୍କୁ ମିଶରରୁ ବାହାର କରି ଆଣିଲେ, ସେତେବେଳେ ସେମାନେ ମାଂସ ଭକ୍ଷଣ କରିବାକୁ ଇଚ୍ଛା କରିଥିଲେ । ମୁଁ ବିଶ୍ୱାସ କରେ ଯେ ଖାଦ୍ୟ ମନୋନୟନ କରିବାରେ ସେମାନେ ମୋ' ପରି ଥିଲେ । ମୁଁ ଆମିଷ ଖାଦ୍ୟ ଭଲ ପାଏ ଓ ଏହା ବିନା ଭୋଜନ କରିବା ମୋ' ପକ୍ଷେ କଷ୍ଟକର ଅଟେ । ସ୍ୱର୍ଗୀୟ ଖାଦ୍ୟରେ ଇସ୍ରାଏଲୀୟ ମାନଙ୍କର ଅସନ୍ତୋଷ ସତ୍ତ୍ୱେ, ଈଶ୍ୱର ସେମାନଙ୍କ ଇଚ୍ଛା ପୂରଣ କରିଥିଲେ । ସେହିପରିଭାବେ, ଈଶ୍ୱର ଯଥାସମ୍ଭବ ମାର୍ଗରେ ଆମକୁ ପରିତୃପ୍ତ କରିବା ପାଇଁ ଭଲ ପାଆନ୍ତି, ମାତ୍ର ଏହି ସନ୍ତୋଷ କେବଳ ସେହି ଲୋକମାନଙ୍କ ପାଇଁ ସଂରକ୍ଷିତ ଅଟେ ଯେଉଁମାନେ ତାଙ୍କୁ ଭୟ କରନ୍ତି ଓ ତାଙ୍କଠାରେ ଆନନ୍ଦ କରନ୍ତି ଓ ପ୍ରଭୁଙ୍କ ନିକଟରେ ସେମାନଙ୍କର ମାର୍ଗ ସମର୍ପଣ କରନ୍ତି । କାରଣ ଈଶ୍ୱରଙ୍କ ଚିନ୍ତା ସହିତ ସେମାନଙ୍କର ଚିନ୍ତା ମିଳନରେ ଥାଏ । ଯେଉଁ ବ୍ୟକ୍ତି ପ୍ରଭୁଙ୍କୁ ଭୟ କରେ, ସେ ସର୍ବଦା ଈଶ୍ୱରଙ୍କର ମନ ଓ ହୃଦୟକୁ ବୁଝିବ ।

ଯଦି ଆପଣ ଆପଣଙ୍କର ପରିସ୍ଥିତି ସହିତ ସନ୍ତୁଷ୍ଟ ଅଟନ୍ତି, ତେବେ ଆପଣ ଆପଣଙ୍କ ଜୀବନରେ ଈଶ୍ୱରଙ୍କ ସନ୍ତୁଷ୍ଟକାରୀ ଓ ପରାକ୍ରମୀ ହସ୍ତ ଦେଖିବେ ।

## ୩. ଧରି ରଖିଥିବା ହସ୍ତ

### କୌଣସି ଭୟ ନାହିଁ ।

**''ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟ ଗତି ସ୍ଥିରୀକୃତ ହୁଏ ଓ ସେ ତାହାର ପଥରେ ସନ୍ତୁଷ୍ଟ ହୁଅନ୍ତି । ସେ ପତିତ ହେଲେ ହେଁ ଭୂମିଶାୟୀ ହେବ ନାହିଁ, କାରଣ ସଦାପ୍ରଭୁ ସ୍ୱହସ୍ତରେ ତାହାକୁ ଧରି ରଖନ୍ତି''** (ଗୀତସଂହିତା ୩୭:୨୩,୨୪) ।

ଧାର୍ମିକମାନେ ଝୁଣ୍ଟି ପଡ଼ିବା ସମୟରେ, ଈଶ୍ୱରଙ୍କ ହସ୍ତ ସେମାନଙ୍କୁ ଧରି ରଖେ ।

**''ତୁମ୍ଭେ ଭୟ କର ନାହିଁ । କାରଣ ଆମ୍ଭେ ତୁମ୍ଭ ସଙ୍ଗରେ ଅଛୁ, ନିରାଶ ହୁଅ ନାହିଁ, କାରଣ ଆମ୍ଭେ ତୁମ୍ଭର ପରମେଶ୍ୱର, ଆମ୍ଭେ ତୁମ୍ଭକୁ ସବଳ କରିବା ହଁ, ଆମ୍ଭେ ତୁମ୍ଭର ସାହାଯ୍ୟ କରିବା, ହଁ, ଆମ୍ଭେ ଆପଣା ଧର୍ମସ୍ୱରୂପ ଦକ୍ଷିଣ ହସ୍ତରେ ତୁମ୍ଭକୁ ଧରି ରଖିବା । ... କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର, ତୁମ୍ଭ ଦକ୍ଷିଣ ହସ୍ତ ଧରି ତୁମ୍ଭକୁ କହିବା, ଭୟ କର ନାହିଁ, ଆମ୍ଭେ ତୁମ୍ଭର ସାହାଯ୍ୟ କରିବା''** (ଯିଶାଇୟ ୪୧:୧୦,୧୩) ।

ମୁଁ ମୋ' ଯୌବନକାଳର ଏପରି ଏକ ସମୟକୁ ସ୍ମରଣ କରେ ଯେତେବେଳେ ମୁଁ ମୋ' ପିତାଙ୍କ ସହିତ ଭାରତର ଦକ୍ଷିଣରେ ଥିବା ନାଗେରକୋଏଲ ନାମକ ସ୍ଥାନକୁ ଏକ ପ୍ରଚାର ଯାତ୍ରାରେ ଯାଇଥିଲି । ଗୃହକୁ ଫେରିବା ପଥରେ, ଆମକୁ ପ୍ରାୟ ୬୦୦ କି.ମି ଯାତ୍ରା କରିବାକୁ ଓ ସମୁଦ୍ର କିମ୍ବା ଗୋଟିଏ ନଦୀ ଉପରେ ଥିବା ଏକ ସେତୁ ଅତିକ୍ରମ କରିବାକୁ ପଡ଼ିଥିଲା (ତାହା କେଉଁ ସେତୁ ଥିଲା, ତାହା ମୋର ମନେ ନାହିଁ) । ସେହି ସମୟରେ ଘଡଘଡ଼ି ଓ ଝଡ଼ ସହିତ ପ୍ରବଳ ବର୍ଷା ହେଉଥିଲା । ବସ୍‌ଟି ସେତୁ ଉପରେ ଯାଉଥିବା ସମୟରେ, ଏହା ହଲୁଥିବାର ଓ ଜଳ ଉଚ୍ଚକୁ ଉଠୁଥିବାର ମୁଁ ଅନୁଭବ କରୁଥିଲି । ମୁଁ ଅତି ଭୟଭୀତ ଥିଲି । ସେତେବେଳେ, ମୁଁ ମୋର ହାତକୁ ଗୋଟିଏ ଉଷ୍ମ ହାତ ଧରିଥିବାର ଅନୁଭବ କରିଥିଲି । ଏହା ମୋର ପିତାଙ୍କ ହସ୍ତ ଥିଲା । ତାହା ମୋ' ପାଇଁ ଯଥେଷ୍ଟ ଥିଲା । ତାଙ୍କର ହାତ-ମୁଠା ମୋତେ ଏପରି ଅନୁଭବ ଦେଉଥିଲା ଯେପରିକି ସେ କହୁଥିଲେ, ''ଭୟ କର ନାହିଁ । ମୁଁ ତୁମ ସହିତ ଅଛି । କୌଣସି ବିଷୟ ତୁମକୁ ସ୍ପର୍ଶ କରିବ ନାହିଁ ।'' ମୋର ପିତାଙ୍କୁ ସେହି କଥା କହିବାକୁ ପଡ଼ି ନ ଥିଲା, ମାତ୍ର ତାଙ୍କର ହସ୍ତ ମୋତେ ସୁରକ୍ଷାର ଅନୁଭବ ଦେବା ପାଇଁ ଯଥେଷ୍ଟ ଥିଲା ଓ ମୁଁ ଆଉ ଭୟ କରି ନ ଥିଲି ।

ପ୍ରିୟ ବନ୍ଧୁଗଣ, ଯେତେବେଳେ **''ପ୍ରଭୁ ତାଙ୍କୁ ତାଙ୍କ ହସ୍ତରେ ଧରିଛନ୍ତି''** ବୋଲି ପଦଟିକୁ ମୁଁ ପାଠ କରେ, ସେତେବେଳେ ମୁଁ ଏହା ସ୍ମରଣ କରେ ଯେ ସଦାପ୍ରଭୁ ତାଙ୍କର ପରାକ୍ରମୀ, ଶକ୍ତିଶାଳୀ ହସ୍ତରେ ଆପଣଙ୍କୁ ଓ ମୋତେ ଧରି ରଖନ୍ତି, ସେତେବେଳେ ଆମେ ବ୍ୟସ୍ତ ଓ ଚିନ୍ତିତ ହେବା ଆବଶ୍ୟକ ନୁହେଁ । କିଏ ଆମର ହାତ ଧରିଛନ୍ତି, ତାହା ଜାଣି, ଆସନ୍ତୁ ଆମେ ଭରସାଯୁକ୍ତ ହେବା । ସେତେବେଳେ ଆମର ବୋଧର ଅଗମ୍ୟ ଶାନ୍ତି ଆସିବ । ପାଉଲ ଓ ଶୀଲା ସେହି ଶାନ୍ତିର ଅନୁଭୂତି ପାଇଥିଲେ ଯାହା ସେମାନଙ୍କୁ ସେମାନଙ୍କ ହସ୍ତ ପଦ ଶୃଙ୍ଖଳିତ ହୋଇ ରହିଥିବା, ପ୍ରହାରିତ ଓ କ୍ଷତବିକ୍ଷତ ହେବା ଅବସ୍ଥାରେ ପରିଣାମକୁ ଅପେକ୍ଷା କରି ରହିଥିବା ସତ୍ତ୍ୱେ ସ୍ତୁତିଗୀତ ଗାଇବା ପାଇଁ ପ୍ରରୋଚିତ କରିଥିଲା । ଏବ୍ରୀୟ ଯୁବାମାନେ ମଧ୍ୟ ଅଗ୍ନି ମଧ୍ୟ ଦେଇ ଚାଲୁଥିବା ସମୟରେ ଏହି ଶାନ୍ତି ଅନୁଭବ କରିଥିଲେ । ଈଶ୍ୱରଙ୍କର ପରାକ୍ରମୀ ହସ୍ତ ଯେ ପର୍ଯ୍ୟନ୍ତ ଆମ ହସ୍ତକୁ ଧରିଛନ୍ତି, ସେ ପର୍ଯ୍ୟନ୍ତ ଆମେ ଯେ କୌଣସି ସ୍ଥାନକୁ ଯାଇପାରିବା । ଗୀତରଚକ କହିଛନ୍ତି, **''ମୁଁ ମୃତ୍ୟୁଚ୍ଛାୟାରୂପକ ଉପତ୍ୟକା ଦେଇ ଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ''** (ଗୀତ ୨୩:୪) । ଆପଣ ଏହି ବର୍ଷର ଅବଶିଷ୍ଟ ଦିନଗୁଡ଼ିକ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

नहेम्याह बाइबल कॉलेज
रेसिडेन्शल कॉलेज, चेन्नई।
माध्यम: हिन्दी
ECHO OF HIS CALL 1969-2019 GOLDEN JUBILEE REACHING NATIONS
Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969
सदस्यता के लिए पंजीकृत उम्मीदवार - ATA
सुविख्यात अंतर्राष्ट्रीय मसीही अगुवे तथा पिछले 54 वर्षों से सेवारत वरिष्ठ पासवान
Certificate in Ministry
Diploma in Theology
योग्यता 10 वी या अधिक
जल्दी करें!
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୪ ଫେବୃୟାରୀ ୧୯ ରୁ ୨୦୨୪ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଫେବୃୟାରୀ ୧୯ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ଫେବୃୟାରୀ ୨୦ ⇨ 'ଆହ୍ୱାନର ପ୍ରତିଧ୍ୱନି' ୟୁ-ଟ୍ୟୁବ ଚ୍ୟାନେଲ ବିଭିନ୍ନ ଭାଷାବାଦୀ ଲୋକମାନଙ୍କ ନିକଟରେ ପହଞ୍ଚ୍ ପାରିଥିବାରୁ ।

ଫେବୃୟାରୀ ୨୧ ⇨ ଆମ ''ଆହ୍ୱାନର ପ୍ରତିଧ୍ୱନି''ର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୨ ⇨ ଆମର ସହକର୍ମୀମାନଙ୍କ ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ଫେବୃୟାରୀ ୨୩ ⇨ ଆମ ଛାପାକଳରେ ଆମର ପତ୍ରିକାକୁ ୧୬ଟି ଭାଷାରେ ଛପାଇ ଓ ପ୍ରକାଶ କରି ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବା ପାଇଁ ସାମର୍ଥ୍ୟ ଦେଇଥିବାରୁ ।

ଫେବୃୟାରୀ ୨୪ ⇨ ଆମ ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମଗୁଡ଼ିକର ଅଭିବୃଦ୍ଧି ପାଇଁ ।

ଫେବୃୟାରୀ ୨୫ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଆମର ରବିବାର ଉପାସନାରେ ଈଶ୍ୱରଙ୍କ ବାକ୍ୟର ଶକ୍ତି ନିମନ୍ତେ ।

ଫେବୃୟାରୀ ୨୬ ⇨ ଆମକୁ ଆମର ସାଥୀମାନଙ୍କର ନୈତିକ ଓ ଅର୍ଥନୈତିକ ସହାୟତା ପ୍ରଦାନ କରିଥିବାରୁ ।

ଫେବୃୟାରୀ ୨୭ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ ।

ଫେବୃୟାରୀ ୨୮ ⇨ ଆମର **ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ** ଉପରେ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨୯ ⇨ ଗତ ମାସ ଆମର ଆବଶ୍ୟକତା ପୂରଣ କରିଥିବାରୁ ।

ଜାନୁୟାରୀ ୩୦ ⇨ ଆମର ସମସ୍ତ ମାଣ୍ଡଳୀକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଯୁବାମାନଙ୍କୁ ଉତ୍ସାହିତ କରିଥିବାରୁ ।

ମାର୍ଚ୍ଚ ୧ ⇨ ଆମର **''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''**ର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଇଥିବାରୁ ।

ମାର୍ଚ୍ଚ ୨ ⇨ ଆମର ସମସ୍ତ ମଣ୍ଡଳୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଯୁବଗୋଷ୍ଠୀକୁ ଉତ୍ସାହିତ କରିଥିବାରୁ ।

ମାର୍ଚ୍ଚ ୩ ⇨ ଆମର **ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଅଧ୍ୟକ୍ଷ, ଶିକ୍ଷକ ଓ କର୍ମଚାରୀମାନଙ୍କୁ** ଆଶୀର୍ବାଦ କରିଥିବାରୁ ।

## ପ୍ରାର୍ଥନାର ବିଷୟ

ମାର୍ଚ୍ଚ ୪ ⇨ ସମସ୍ତ ଦେଶର ଏକତା ଓ ଶାନ୍ତି ନିମନ୍ତେ ।

ମାର୍ଚ୍ଚ ୫ ⇨ ଆମର ସାଥୀଗଣ ଓ ରାଜ୍ୟ ସଂଯୋଜକମାନଙ୍କ ନିମନ୍ତେ ।

ମାର୍ଚ୍ଚ ୬ ⇨ ଭାରତର ଅପହଞ୍ଚ ସ୍ଥାନଗୁଡ଼ିକରେ ସୁସମାଚାର ପ୍ରସାର କରିବା ନିମନ୍ତେ ସାମର୍ଥ୍ୟ ଦେଇଥିବାରୁ ।

ମାର୍ଚ୍ଚ ୭ ⇨ ଆମର ସମସ୍ତ ସେବକୀୟ କାର୍ଯ୍ୟ ନିମନ୍ତେ ।

ମାର୍ଚ୍ଚ ୮ ⇨ ଆମର ପ୍ରଭୁ ଯେପରି ଏହି ମାସ ଆମର ସମସ୍ତ ଆବଶ୍ୟକତା ପୂରଣ କରିବେ ।

ମାର୍ଚ୍ଚ ୯ ⇨ ଆମର ଇଂରାଜୀ ସହଯୋଗୀ ସଂପାଦିକା ଭଉଣୀ ସାଜିନୀ ଚେରିଆନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ମାର୍ଚ୍ଚ ୧୦ ⇨ କୋଭିଡ୍‌ର ନୂତନ ପ୍ରଜାତିରୁ ସମସ୍ତ ଦେଶକୁ ସ୍ୱର୍ଗୀୟ ସୁରକ୍ଷା ଦେବା ନିମନ୍ତେ ।

ମାର୍ଚ୍ଚ ୧୧ ⇨ ସମସ୍ତ ଦେଶର ପିଲଶ ଓ ଯୁବାମାନେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତାଭାବରେ ଗ୍ରହଣ କରିବେ ।

ମାର୍ଚ୍ଚ ୧୨ ⇨ ନିଜ ଆତ୍ମ-ଜୀବନୀ ଲେଖିବାରେ ଆମର ବରିଷ୍ଠ ପାଳକ ଯେପରି ସଫଳ ହେବେ ।

ମାର୍ଚ୍ଚ ୧୩ ⇨ ବୃଦ୍ଧାଶ୍ରମରେ ଥିବା ବୃଦ୍ଧ ବ୍ୟକ୍ତିମାନଙ୍କ ନିମନ୍ତେ ।

ମାର୍ଚ୍ଚ ୧୪ ⇨ ପୃଥିବୀର ସମସ୍ତ ଯୁବା ଓ ପିଲାମାନେ ଯେପରି ଅନ୍-ଲାଇନ୍ ଖେଳର ଆସକ୍ତିରୁ ରକ୍ଷା ପାଇବେ ।

ମାର୍ଚ୍ଚ ୧୫ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ମାର୍ଚ୍ଚ ୧୬ ⇨ ସମସ୍ତ ଦେଶ ଓ ସେଗୁଡ଼ିକର ଅର୍ଥନୈତିକ ବିକାଶ ଉପରେ ଆଶୀର୍ବାଦ କରିବା ନିମନ୍ତେ ।

ମାର୍ଚ୍ଚ ୧୭ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍ ଓ ତାଙ୍କ ପରିବାରର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ଦେବା ନିମନ୍ତେ ।

ମାର୍ଚ୍ଚ ୧୮ ⇨ ସମଗ୍ର ପୃଥିବୀର ମିଶନେରୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ମଧ୍ୟ ଦେଇ ଅଗ୍ରସର ହେଉଥିବା ସମୟରେ, ଈଶ୍ୱର ଯେ ଆପଣଙ୍କ ହସ୍ତ ଧରିଛନ୍ତି, ଏହା ଜାଣି ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଈଶ୍ୱର ଆପଣଙ୍କୁ ଶକ୍ତି ପ୍ରଦାନ କରିବେ ।

ଏହି ଯାତ୍ରାରେ ଆପଣ ଏକାକୀ ନୁହଁନ୍ତି । ଆପଣଙ୍କ ନିକଟରେ ଏପରି ଜଣେ ଅଛନ୍ତି ଯିଏ ଆମର ଗତକାଲି, ଆମର ଆଜି ଓ ଆମର ଆସନ୍ତା କାଲିକୁ ଜାଣନ୍ତି । ସେ ଆମର ଆସନ୍ତା କାଲିରେ ରହି ସାରିଥିବାରୁ, କ'ଣ ଘଟିବାକୁ ଯାଉଛି, ଏ ବିଷୟରେ ଆମକୁ ଚିନ୍ତିତ ହେବାକୁ ପଡ଼େ ନାହିଁ । ଯଦି ସେ ମୋତେ ନେଇଛନ୍ତି, ତେବେ ମୋତେ ବାହାର କରି ଆଣିବେ ।

## ୪. ପରାକ୍ରମୀ ହସ୍ତ

ତାଙ୍କର ହସ୍ତ ପରାକ୍ରମୀ ଅଟେ – ଏହା ଆପଣଙ୍କ ସପକ୍ଷରେ ରହି ଆପଣଙ୍କୁ ବିଜୟ ପ୍ରଦାନ କରିବ କିମ୍ବା ଆପଣଙ୍କ ବିରୁଦ୍ଧରେ ଯୁଦ୍ଧ କରିବ ।

ଯିଶାଇୟ ୧୯:୧୬ କହିଛି, **''ସେଦିନ ମିସର ସ୍ତ୍ରୀଗଣର ତୁଲ୍ୟ ହେବ, ପୁଣି ସୈନ୍ୟାଧିପତି ସଦାପ୍ରଭୁ ତାହା ଉପରେ ଯେଉଁ ହସ୍ତ ହଲାନ୍ତି, ତାହାଙ୍କର ସେହି ହସ୍ତ ହଲିବା ସକାଶୁ ସେ କମ୍ପିତ ଓ ଭୀତ ହେବ ।''**

କେହି ଈଶ୍ୱରଙ୍କ ହସ୍ତ ବିରୁଦ୍ଧରେ ଠିଆ ହୋଇ ପାରିବେ ନାହିଁ । ଏହା ଯେ ଆପଣଙ୍କ ବିରୁଦ୍ଧରେ ନୁହେଁ, ଏ ବିଷୟରେ ସୁନିଶ୍ଚିତ ହୁଅନ୍ତୁ । ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ ହସ୍ତ ଆମ ସପକ୍ଷରେ ଅଛି, ସେ ପର୍ଯ୍ୟନ୍ତ ଆମେ ସୁରକ୍ଷିତ ଅଟୁ, ମାତ୍ର ଯଦି ଏହା ଆମ ବିରୁଦ୍ଧରେ ଅଛି, ତେବେ ଆମେ କିଛି ହିଁ ହେବା ନାହିଁ ।

## କେତେବେଳେ ଈଶ୍ୱରଙ୍କ ହସ୍ତ ଆମ ବିରୁଦ୍ଧରେ ଆସେ ?

ପ୍ରେରିତ ୧୩:୮–୧୧ରେ **ମାୟାବୀ ଅଲ୍ଲୀମା ବିଷୟରେ ଗୋଟିଏ କାହାଣୀ ଅଛି । ସେ ବର୍ଣ୍ଣବ୍ବା ଓ ପାଉଲଙ୍କୁ ବିରୋଧ କରୁଥିଲା ଓ ଶାସନକର୍ତ୍ତାଙ୍କୁ ବିଶ୍ୱାସରୁ ଫେରାଇ ଆଣିବା ପାଇଁ ଚେଷ୍ଟା କରିଥିଲା । ପାଉଲ କହିଥିଲେ, ''ଆଉ, ଏବେ ଦେଖ, ପ୍ରଭୁଙ୍କର ହସ୍ତ ତୁମ୍ଭ ଉପରେ ରହିଅଛି, ତୁମ୍ଭେ ଅନ୍ଧ ହୋଇ କେତେକ ସମୟ ପର୍ଯ୍ୟନ୍ତ ସୂର୍ଯ୍ୟ ଦେଖିବ ନାହିଁ ।'' ସେହିକ୍ଷଣି କୁହୁଡ଼ି ଓ ଅନ୍ଧକାର ତାକୁ ଘୋଡ଼ାଇ ପକାଇଲା ।**

ଈଶ୍ୱର ନିଜର ପରାକ୍ରମୀ ହସ୍ତ ଦ୍ୱାରା ସୁସମାଚାରର ଶତ୍ରୁମାନଙ୍କର ବିଚାର କରନ୍ତି ।

ଯେତେବେଳେ ଆମେ ପ୍ରଭୁଙ୍କର କାର୍ଯ୍ୟକୁ ବିରୋଧ କରୁ, ଯେତେବେଳେ ଆମେ ପ୍ରଭୁଙ୍କର କାର୍ଯ୍ୟକୁ ବନ୍ଦ କରି ଦେବା ପାଇଁ କହୁ, ସେତେବେଳେ ଈଶ୍ୱରଙ୍କ ହସ୍ତ ଆମ ବିରୁଦ୍ଧରେ ଆସେ । ଈଶ୍ୱରଙ୍କ ଲୋକମାନଙ୍କ ବିରୁଦ୍ଧରେ କଥା କହନ୍ତୁ ନାହିଁ । ଅନ୍ୟମାନଙ୍କୁ ବାର୍ତ୍ତାଗୁଡ଼ିକୁ ପ୍ରେରଣ କରିବା ବନ୍ଦ କରନ୍ତୁ । କୁତ୍ସାରଟନା କରିବା ବନ୍ଦ କରନ୍ତୁ । ଈଶ୍ୱରଙ୍କ କାର୍ଯ୍ୟ କିମ୍ବା ଈଶ୍ୱରଙ୍କ ଲୋକମାନଙ୍କ ବିରୁଦ୍ଧରେ କଥା କୁହନ୍ତୁ ନାହିଁ । ଈଶ୍ୱର ଏହାକୁ ନିୟନ୍ତ୍ରଣ କରନ୍ତି । ଆମ ମଧ୍ୟରୁ କେତେଜଣ ଅନ୍ଧକାରରେ ବାସ କରୁଛନ୍ତି କାରଣ ସେମାନେ ଈଶ୍ୱରଙ୍କ କାର୍ଯ୍ୟରେ ବାଧାଜନକ ପ୍ରସ୍ତର ହୋଇଥିବାରୁ, ଈଶ୍ୱର ସେମାନଙ୍କର ଚକ୍ଷୁ ଅନ୍ଧ କରି ଦେଇଛନ୍ତି । ଆସନ୍ତୁ, ଆଜି ଆମେ ଚିନ୍ତା କରିବା – ଆପଣ କୌଣସି ପ୍ରକାରେ ବାଧା ପ୍ରାପ୍ତ ହୋଇଛନ୍ତି କି ? ଏହା ହୁଏତ ଆମର କାର୍ଯ୍ୟ, ବାକ୍ୟ କିମ୍ବା ଆମେ କରିଥିବା କିମ୍ବା କରି ନ ଥିବା କୌଣସି କାର୍ଯ୍ୟ ହୋଇପାରେ । ଏହା ଈଶ୍ୱରଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଛି କି ? ତେବେ ଆମେ ସତର୍କ ହେବା ଆବଶ୍ୟକ କାରଣ ଏହାପରେ ଈଶ୍ୱରଙ୍କ ହସ୍ତ ଆମ ବିରୁଦ୍ଧରେ ଆସିବ ।

ଯଦି ଈଶ୍ୱରଙ୍କ ହସ୍ତ ଆମ ସପକ୍ଷରେ ଅଛି, ତେବେ ଏହା ଆମକୁ ବିଜୟ ପ୍ରଦାନ କରିବ । **''ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୂତନ ଗୀତ ଗାନ କର । କାରଣ ସେ ଆଶ୍ଚର୍ଯ୍ୟକର୍ମ କରିଅଛନ୍ତି, ତାହାଙ୍କ ଦକ୍ଷିଣ ହସ୍ତ ଓ ତାହାଙ୍କ ପବିତ୍ର ବାହୁ ତାହାଙ୍କ ପକ୍ଷରେ ପରିତ୍ରାଣ ସାଧନ କରିଅଛି''** (ଗୀତସଂହିତା ୯୮:୧) ।

ଈଶ୍ୱରଙ୍କ ପ୍ରିୟ ସେବକମାନେ, ବେଳେବେଳେ ପଥ ନିଃସଙ୍ଗ, ଦୀର୍ଘ ଓ କଷ୍ଟକର ହୋଇପାରେ । ଆପଣ କରୁଥିବା କଷ୍ଟକର କାର୍ଯ୍ୟ ପ୍ରଶଂସିତ ହେଉ ନାହିଁ ବୋଲି ଆପଣ ଅନୁଭବ କରୁଛନ୍ତି କି ? ଲୋକମାନେ ହୁଏତ ଆପଣଙ୍କ ପିଠିରେ ଥିବା କ୍ଷତଦାଗକୁ ଦେଖିପାରୁ ନାହାନ୍ତି, ମାତ୍ର ଯୀଶୁ ସେହି ସମାନ ପଥ ମଧ୍ୟ ଦେଇ ଯାତ୍ରା କରିଥିଲେ । ସେ ଅଗ୍ରାହ୍ୟ, ସମାଲୋଚିତ, ଉପହାସିତ, ନିରୁତ୍ସାହିତ ଓ ନିଃସଙ୍ଗ ହୋଇଥିଲେ । ଏହା ମନେରଖନ୍ତୁ ଯେ ଯିଏ ଆପଣଙ୍କୁ ଆହ୍ୱାନ କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି । ସେ ଆପଣଙ୍କୁ ଜାଣନ୍ତି ଓ ସେ ଆପଣଙ୍କ ନିମନ୍ତେ ଯୁଦ୍ଧ କରିବେ । ସ୍ଥିର ରହନ୍ତୁ । ଆମର ଏପରି ଜଣେ ଈଶ୍ୱର ଅଛନ୍ତି ଯିଏ ଆମର ଯୁଦ୍ଧରେ ଯୁଦ୍ଧ କରିବେ । ସେ ପରାଜୟ ଜାଣନ୍ତି ନାହିଁ । ସେଥିପାଇଁ ଆମେ ବିଜୟ ଦେଖିବା କାରଣ ଆମର ଈଶ୍ୱର ଜଣେ ପରାକ୍ରମୀ ଯୋଦ୍ଧା ଅଟନ୍ତି ଯିଏ ଏକ ଶକ୍ତିଶାଳୀ ହସ୍ତ ସହିତ ଯୁଦ୍ଧ କରନ୍ତି ।

## ୫. ଗଠନକାରୀ ହସ୍ତ

ଶେଷରେ, ଈଶ୍ୱରଙ୍କ ହସ୍ତ ଏକ ଗଠନକାରୀ ହସ୍ତ ଅଟେ । ସେ କୁମ୍ଭକାର ଅଟନ୍ତି ଓ ଆମେ ମୃତ୍ତିକା ଅଟୁ । ସେ ଆମକୁ ଗଢ଼ନ୍ତି – ବେଳେବେଳେ କାଟିଛାଟି, ବେଳେ ବେଳେ ଧାରଗୁଡ଼ିକୁ ପରିମାର୍ଜିତ କରି, ସେ ଆମକୁ

*(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)*

**ନିହିମିଆ ବାଇବଲ**
**ସାଂଧ୍ୟ କଲେଜ**

ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

ECHO OF HIS CALL 1969-2019 GOLDEN JUBILEE REACHING NATIONS

**ମାଧ୍ୟମ ~ ତାମିଲ**

Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**Certificate in Ministry**
**Diploma in Theology**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ**

**ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !**

ଯୋଗାଯୋଗ : **The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା - ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା - ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା - ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା - ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୭ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଆପଣ ଶତଗୁଣ ଫଳ ପାଇବେ ଓ ଅନନ୍ତଜୀବନର ଅଧିକାରୀ ହେବେ ।

*"ତୁମ୍ଭ ହସ୍ତ ଯେ କୌଣସି କାର୍ଯ୍ୟ କରିବାକୁ ପାଏ, ତାହା ଆପଣା ଶକ୍ତିରେ କର, ... ଯେଉଁ ଲୋକ ପବନକୁ ଅନାଏ, ସେ ବୁଣିବ ନାହିଁ ଓ ଯେଉଁ ଲୋକ ମେଘକୁ ଅନାଏ, ସେ କାଟିବ ନାହିଁ" (ଉପଦେଶକ ୯:୧୦, ୧୧:୪) ।*

ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ ଓ ବାଇବଲ କଲେଜ ମାଧ୍ୟମରେ ଜୀବନର ସମସ୍ତ କ୍ଷେତ୍ରର ଲୋକମାନଙ୍କୁ ବାଇବଲ ସମ୍ବନ୍ଧୀୟ ପ୍ରଭାବଶାଳୀ ସତ୍ୟ ଶିକ୍ଷାଦେବା ମୋର ବହୁଦିନର ଇଚ୍ଛା ହୋଇ ରହିଥିଲା । ଏହି ଇଚ୍ଛା ଅନେକ ବର୍ଷ ଧରି ମୋର ହୃଦୟରେ ରୋପିତ, ବୃଦ୍ଧିପ୍ରାପ୍ତ ଓ ଉଜ୍ଜ୍ୱଳ ହୋଇ ରହିଥିଲା । କିନ୍ତୁ, ଆୟର କୌଣସି ପନ୍ଥା କିମ୍ବା ମୋ' ସହିତ ଯୋଗ ଦେଇ ମୋତେ ଚାଳନା ଦେବା ପାଇଁ କୌଣସି ଜଣେ ବ୍ୟକ୍ତିଙ୍କୁ ପାଇବା ପାଇଁ ଚେଷ୍ଟା କରୁଥିବା ସମୟରେ, ମୁଁ ନିଜକୁ ଅସହାୟ ଅନୁଭବ କରୁଥିଲି । ଏହି ସମୟରେ, ମୁଁ ଓ ମୋର ପରିବାର ଦାରିଦ୍ର୍ୟରେ, ଘୋର ଅଭାବରେ ଓ କୌଣସି ସୁବିଧା ବିନା ଗୋଟିଏ ଅତି ଛୋଟ ଘରେ ବାସ କରୁଥିଲୁ ।

୧୯୮୦ରେ, ମୁଁ ଇଣ୍ଡିଆ ବାଇବଲ ଲିଟରେଚର ନାମକ ଏକ ସଂସ୍ଥାରୁ ଗୋଟିଏ ସୁସମାଚାର ପ୍ୟାକେଟ ପାଇଲି । ସେହି ପ୍ୟାକେଟକୁ ଖୋଲିବା ପରେ, ମୁଁ କିଛି ସୁସମାଚାର ପତ୍ରିକା ଓ ଗୋଟିଏ କରେସପଣ୍ଡେସ ପାଠ୍ୟକ୍ରମର ପୁସ୍ତକ ପାଇଲି । ମୁଁ ଏହିସବୁ ଟ୍ରାକ୍ଟ ଓ କରେସପଣ୍ଡେସ ପାଠ୍ୟକ୍ରମ ଉପରେ ଦୃଷ୍ଟିପାତ କରୁଥିବା ସମୟରେ, ମୁଁ ଭାରତରେ ଥିବା ବିଭିନ୍ନ ଭାଷାବାଦୀମାନଙ୍କ ନିକଟକୁ ସେହି ସମାନ ପାଠ୍ୟ ପୁସ୍ତକ ପ୍ରେରଣ କରିବା ପାଇଁ ଆଗ୍ରହୀ ହୋଇଥିଲି । ମୁଁ ମୋର ଅତି ପୁରୁଣା ସାଇକଲ ବ୍ୟବହାର କରି Thousand Lights, Chennai-6 ରେ ଅବସ୍ଥାପିତ ଇଣ୍ଡିଆ ବାଇବଲ ଲିଟରେଚରର ଅଫିସକୁ ଅତି ଶୀଘ୍ର ଯାତ୍ରା କରିଥିଲି ।

ସେଠାରେ, ମୁଁ ଶ୍ରୀଯୁକ୍ତ ଭେଲୁ (ଶ୍ରୀଯୁକ୍ତ ଭେଲାୟୁଥମ୍ ନାମରେ ମଧ୍ୟ ପରିଚିତ) ନାମକ ଜଣେ ଯୁବକଙ୍କୁ ସାକ୍ଷାତ୍ କଲି, ଯିଏ ବର୍ତ୍ତମାନ ସେଠିକାର ପରିଚାଳନା-ନିର୍ଦ୍ଦେଶକ ଅଟନ୍ତି । ସେ ଅତି ଯତ୍ନର ସହିତ ପାଠ୍ୟ ପୁସ୍ତକଗୁଡ଼ିକୁ ଲଫାପାରେ ଭର୍ତ୍ତି କରି ପ୍ରେରଣ କରୁଥିବା ସମୟରେ, ମୁଁ ତାଙ୍କୁ ଲକ୍ଷ୍ୟ କରୁଥିଲି ଓ ତାଙ୍କ ପାଖରେ ବସି ସେହିପରି କିଛି କରିବା ପାଇଁ ଅନୁପ୍ରେରଣା ପାଇଲି ।

ମୁଁ ତାଙ୍କୁ ପ୍ରଶଂସା କରି, ଧୀରେ ଧୀରେ ତାଙ୍କ ନିକଟକୁ ଗଲି ଓ ମୋତେ କିଛି ପୁସ୍ତକ ଦେଇପାରିବେ କି ବୋଲି ତାଙ୍କୁ ଭଦ୍ର ଭାବରେ ପଚାରିଲି । ପ୍ରତ୍ୟେକ ପୁସ୍ତକର ମୂଲ୍ୟ ୫୦ ପଇସା ବୋଲି ସେ ମୋତେ କହିଲେ । ମୁଁ ତାଙ୍କୁ କହିଲି ଯେ ମୋ' ପରିବାରରେ ଅର୍ଥ ସମସ୍ୟା ଅଛି ଓ ମୁଁ ସାଧାରଣ ବେତନ ପାଉଥିବା ଜଣେ ସରକାରୀ କର୍ମଚାରୀ ଅଟେ । ଏହା ଶୁଣି, ସେ ମୋତେ ଉଦାର ଭାବରେ, ବିନା ମୂଲ୍ୟରେ ୧୦ଟି ପୁସ୍ତକ ପ୍ରଦାନ କରିଥିଲେ । କିନ୍ତୁ ମୁଁ ଅସନ୍ତୁଷ୍ଟ ହୋଇ ଡାକଘରକୁ ପଠାଇବା ପାଇଁ ସଂରକ୍ଷିତ ହୋଇ ରହିଥିବା ପୁସ୍ତକଗୁଡ଼ିକୁ ଦେଖିବାରେ ଲାଗିଲି । କିଛି ପୁସ୍ତକ ମୋତେ ଡାକୁଥିବା ଭଳି ମୁଁ ଅନୁଭବ କଲି । ମୋତେ ଏପରି ମନେହେଲା ଯେପରି ସେଗୁଡ଼ିକ ମୋର ବ୍ୟକ୍ତିଗତ ଅଟନ୍ତି ଓ ସେଗୁଡ଼ିକୁ ନେଇଯିବା ପାଇଁ ଓ ମୋର କୌଣସି ପରିଚିତ ବ୍ୟକ୍ତିଙ୍କ ନିକଟରେ ସେଗୁଡ଼ିକରେ ନିହିତ ଥିବା ଜ୍ଞାନ ଜଣାଇବା ପାଇଁ ସେଗୁଡ଼ିକ ମୋତେ ନିବେଦନ କରୁଛନ୍ତି । ସେଗୁଡ଼ିକରେ ବହୁ ସମ୍ଭାବନା ଥିବା ଭଳି ମୁଁ ଅନୁଭବ କଲି । ମୁଁ ସେହି ସ୍ଥାନରୁ ନିଜକୁ ଦୂରେଇ ଦେବା ପାଇଁ ଅସମର୍ଥ ଥିଲି । ହଠାତ୍, ଅନ୍ୟଜଣେ ବ୍ୟକ୍ତି ଆସି ପଚାରିଲେ, "ଆପଣ କିଏ ? ଆପଣ କାହିଁକି ଏତେ ସମୟ ଧରି ଏଣେ ତେଣେ ବୁଲୁଛନ୍ତି ଓ ଆପଣ କାର୍ଯ୍ୟାଳୟ ଭିତରକୁ ଉଙ୍କି ମାରି ଦେଖୁଛନ୍ତି ?" ମୁଁ ବୁଝାଇଥିଲି ଯେ ମୋ' ପାଖରେ ଖୁବ୍ ସ୍ୱଳ୍ପ ଟଙ୍କା ଅଛି, କିନ୍ତୁ ଜୀବିତ ଈଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କର ସେବା କରିବା ପାଇଁ ଏକ ବଳିଷ୍ଠ ଇଚ୍ଛା ଅଛି, ଆଉ ମୁଁ ଏଠାରୁ କିଛି କରେସ୍‌ପଣ୍ଡେସ୍ ପାଠ୍ୟପୁସ୍ତକ କିଣିବା ପାଇଁ ଇଚ୍ଛା କରୁଅଛି । ସେ ସେଗୁଡ଼ିକୁ କିଣିବା ପାଇଁ ଟଙ୍କା ଆଣିବାକୁ ମୋତେ ନିର୍ଦ୍ଦେଶ ଦେଲେ । ଏହାକୁ ମନରେ ରଖି, ମୋର ଏକମାତ୍ର ସଂପତ୍ତି, ମୋର ପୁରୁଣା ସାଇକଲକୁ ବିକ୍ରି କରିଦେବା ପାଇଁ ମୁଁ ନିଷ୍ପତ୍ତି ନେଲି ।

ମୁଁ ଅତିଶୀଘ୍ର ନିକଟସ୍ଥ ଗୋଟିଏ ସାଇକଲ ମରାମତି ଦୋକାନକୁ ଗଲି ଓ ସେଠାରେ ୧୦୦ ଟଙ୍କାରେ ମୋର ସାଇକଲକୁ ବିକ୍ରି କରି ୨୦୦ଟି କରେସ୍‌ପଣ୍ଡେସ ପାଠ୍ୟ ପୁସ୍ତକ କିଣିଲି । ମୋର ଏକମାତ୍ର ଯାତାୟାତର ମାଧ୍ୟମକୁ ଛାଡ଼ି ଦେବା ପରେ, ଥାଉଜାଣ୍ଡ ଲାଇଟସ୍ ନାମକ ସ୍ଥାନରୁ ମୋର ଗୃହ ପର୍ଯ୍ୟନ୍ତ, ପ୍ରାୟ ୫ କିମି ରାସ୍ତା ଯିବା ପାଇଁ ମୋତେ ସେହି ପୁସ୍ତକଗୁଡ଼ିକୁ କାନ୍ଧରେ ଓ ମୁଣ୍ଡରେ ବୋହିବାକୁ ପଡ଼ିଥିଲା । ଏହିପରି ଭାରୀ ବୋଝ ବୋହିବାରେ ମୋର ଅନୁଭୂତି ନ ଥିବାରୁ, ମୁଁ ଅତି ଶୀଘ୍ର କ୍ଲାନ୍ତ ଶ୍ରାନ୍ତ ହୋଇଗଲି । ଦୁଇଟି ସ୍ଥାନରେ, ସେହି ପୁସ୍ତକଗୁଡ଼ିକ ମୋ' ମୁଣ୍ଡ ଓ କାନ୍ଧରୁ ରାସ୍ତା ଉପରକୁ ଖସି ପଡ଼ିଥିବାରୁ, ମୁଁ ଅସହାୟତା ଅନୁଭବ କରିଥିଲି । ମୁଁ ସେଗୁଡ଼ିକୁ ଉଠାଇ, ପୁଣି ଥରେ ବୋହିବା ପାଇଁ ଚେଷ୍ଟା କରୁଥିବା ସମୟରେ, ଲୋକମାନେ ମୋତେ ଉପହାସ କରୁଥିବାର ମୁଁ ଶୁଣିଥିଲି । ଶେଷରେ, ମୁଁ କୌଣସି ପ୍ରକାରେ ଘରେ ପହଞ୍ଚିଲି ଓ ମୋର ସମସ୍ତ ଶକ୍ତିର ସହିତ ପୁସ୍ତକଗୁଡ଼ିକୁ ବାଣ୍ଟିବା ଆରମ୍ଭ କରିଥିଲି ।

ଭାଇ.ଏମ୍.ପଲ୍‌ରାଜ୍‌ଙ୍କ ସହାୟତାରେ ଈଶ୍ୱର ମୋତେ "ଆପଣଙ୍କ ନିମନ୍ତେ ନୂତନ ଜୀବନ" ନାମକ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ସାମର୍ଥ୍ୟ ଦେଇଥିଲେ ଓ ପରେ ପରେ, ଆମେ "ଆହ୍ୱାନର ପ୍ରତିଧ୍ୱନି" ସାଂଧ୍ୟ ବାଇବଲ କଲେଜ ପ୍ରତିଷ୍ଠା କରିଥିଲୁ ।

ହଁ, ମୋର ପ୍ରିୟ ବନ୍ଧୁ, ଏପରି ଗୋଟିଏ ସମୟ ଥିଲା, ଯେତେବେଳେ ମୋତେ ଈଶ୍ୱରଙ୍କ ରାଜ୍ୟ ସକାଶେ ମୋର ବାଇ-ସାଇକଲକୁ ବିକ୍ରି କରିବାକୁ ପଡ଼ିଥିଲା । ଏହା ଏକ ଲଜ୍ଜାର ବିଷୟ ଥିଲା ଓ ମୋର ପରିବାର ଓ ବନ୍ଧୁବର୍ଗ ଏହାକୁ ଏକ ଅଜ୍ଞାନତା ଓ ମୂର୍ଖାମୀର କାର୍ଯ୍ୟ ବୋଲି ମତ ଦେଇଥିଲେ । କିନ୍ତୁ, ଆଜି ଈଶ୍ୱର ମୋତେ ସାହାଯ୍ୟ କରିବା ପାଇଁ ଅନେକଗୁଡ଼ିଏ କାର୍ ଓ ଦକ୍ଷ ବ୍ୟକ୍ତିମାନଙ୍କୁ ଯୋଗାଇ ଅଛନ୍ତି ।

ଦିନେ ମୋତେ ନିଜେ ମୋ' ମୁଣ୍ଡ ଓ କାନ୍ଧରେ ସୁସମାଚାର ପୁସ୍ତକଗୁଡ଼ିକୁ ବୋହିବାକୁ ପଡ଼ିଥିଲା । ଏହା ପ୍ରକୃତରେ ମୋର ଯୌବନକାଳରେ ଏକ ଯନ୍ତ୍ରଣା ପୂର୍ଣ୍ଣ ଓ ଅପମାନଜନକ ଅନୁଭୂତି ଥିଲା । ମାତ୍ର ବର୍ତ୍ତମାନ ସୁସମାଚାର ପତ୍ରିକା ଓ କର୍ମଚାରୀମାନଙ୍କୁ ନେବା ଆଣିବା କରିବା ପାଇଁ ଈଶ୍ୱର ମୋତେ ଅନେକ ଭ୍ୟାନ୍ ଓ ମିନି ବସ୍ ଯୋଗାଇଛନ୍ତି ।

ପ୍ରିୟ ବନ୍ଧୁ, ଈଶ୍ୱର ଆପଣଙ୍କ ନିମନ୍ତେ ଓ ଆପଣଙ୍କର ଭବିଷ୍ୟତ୍ ନିମନ୍ତେ ମଧ୍ୟ ଏକ ଅସାଧାରଣ ଯୋଜନା ରଖିଛନ୍ତି । ଆପଣଙ୍କ ନିମନ୍ତେ ଏ ପର୍ଯ୍ୟନ୍ତ ସମୟ ଅଛି । ଯଦି ଆପଣ ପ୍ରଭୁଙ୍କ ନିକଟରେ କୌଣସି ବିଷୟ ସମର୍ପଣ କରିବେ, ତେବେ ଆପଣ ବହୁଳଭାବରେ ପୁରସ୍କୃତ ହେବେ । ଆପଣ ଯୀଶୁ ଖ୍ରୀଷ୍ଟଙ୍କୁ ଆପଣଙ୍କର ଆଦର୍ଶ ଭାବରେ ଗ୍ରହଣ କରି, ଏକ ରାଜ୍ୟ-କୈନ୍ଦ୍ରିକ ମନୋଭାବ ସହିତ ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା କୌଣସି ବିଷୟକୁ ସେବାକାର୍ଯ୍ୟରେ ବିନିଯୋଗ କରିବା ମନୋନୀତ କରିପାରିବେ । ଆପଣଙ୍କ ଜୀବନ ଉପରେ ଈଶ୍ୱରଙ୍କ ଆଶୀର୍ବାଦର କୌଣସି ଅନ୍ତ ନାହିଁ । ମନେରଖନ୍ତୁ,

**କେବଳ ଗୋଟିଏ ଜୀବନ, ଏହା ଅତିଶୀଘ୍ର ଅତିକ୍ରାନ୍ତ ହେବ,**
**ଖ୍ରୀଷ୍ଟଙ୍କ ନିମନ୍ତେ ଯାହା କରାଯିବ, ତାହା କେବଳ ସ୍ଥାୟୀ ହୋଇ ରହିବ ।**

***

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ସୁଗଠିତ କରନ୍ତି । ବେଳେବେଳେ ଆମେ ଯେପରି ଆମ କର୍ତ୍ତାଙ୍କ ପାଇଁ ଦରକାରୀ ହୋଇପାରିବୁ, ଏଥିପାଇଁ ସେ ଏପରି କାର୍ଯ୍ୟ କରିପାରନ୍ତି ଯାହା ଅରୁଚିକର ଅଟେ ।

ଯେତେବେଳେ ଈଶ୍ୱର ଆମକୁ ଗଠନ କରନ୍ତି, ସେତେବେଳେ ଏହା ଏକ ସୁଖକର ଅନୁଭୂତି ହୋଇ ନ ଥାଏ । ଏହା ଆଘାତ ଦିଏ ଓ ଆମକୁ ବିପଦଗ୍ରସ୍ତ ହେବାର ଅନୁଭବ ଦିଏ । ମାତ୍ର ଏହି ସମୟରେ ହିଁ ଆମେ ଈଶ୍ୱରଙ୍କର ପ୍ରଚୁର ଜ୍ଞାନ ନିକଟରେ ସମର୍ପିତ ହେବା ଆବଶ୍ୟକ ଓ ତାଙ୍କୁ ବିଶ୍ୱାସ କରିବା ଆବଶ୍ୟକ । ଈଶ୍ୱର ଯେ ସର୍ବୋତ୍ତମ ବିଷୟ ଜାଣନ୍ତି, ଏହି ଗୋଟିଏ ବିଷୟକୁ ଆମେ ମନେରଖିବା ଆବଶ୍ୟକ ।

ଈଶ୍ୱର ଆମକୁ ସୁଗଠିତ କରିବା ପାଇଁ ଆମ ଜୀବନ ମଧ୍ୟକୁ ବିଭିନ୍ନ ପରିବେଶ ଓ ପରିସ୍ଥିତିକୁ ଆସିବାକୁ ଦିଅନ୍ତି । ସେ ଆମକୁ ଗଠନ କରିବା ପାଇଁ ଲୋକମାନଙ୍କୁ ମଧ୍ୟ ଅନୁମତି ଦିଅନ୍ତି । କେତେକ ଲୋକ ନୀଚ, ବିରକ୍ତିକର ଓ ନିଜ ନିଜ କଥାରେ ତୀକ୍ଷ୍ଣ ହେବା ଦ୍ୱାରା ଆମକୁ ଧୈର୍ଯ୍ୟ ଶିକ୍ଷା ଦେବା ପାଇଁ ଆମ ଜୀବନ ମଧ୍ୟକୁ ଆସନ୍ତି । ଈଶ୍ୱର ଆମର ଚରିତ୍ର ବିକାଶ କରିବା ପାଇଁ କେତେକ ଲୋକଙ୍କୁ ଆମ ଜୀବନ ମଧ୍ୟକୁ ଆଣନ୍ତି । ଆମକୁ କାଟିଛାଟି ପରିଷ୍କାର କରିବା ପାଇଁ ଲୋକମାନେ ସାମୟିକ ଭାବେ ଆସନ୍ତି ଓ ଆମେ ଈଶ୍ୱରଙ୍କ ଦ୍ୱାରା ନିରୂପିତ ଲକ୍ଷ୍ୟ ପ୍ରାପ୍ତ ହେବା ମାତ୍ରେ, ସେମାନେ ଚାଲିଯାଆନ୍ତି । ଅନେକ ଥର, ଆମକୁ ଛାଡ଼ି ଯାଇଥିବା ଲୋକଙ୍କ ଯୋଗୁ, ରହିଯାଇଥିବା ଏକ ସ୍ଥାୟୀ କ୍ଷତ ଚିହ୍ନ ଯୋଗୁ, ଆମେ ବିଳାପ କରୁ । ମୁଁ ଅତି କଷ୍ଟରେ ଏହା ଶିକ୍ଷା କରିଅଛି । ଲୋକମାନେ କିଛି ସମୟ ପାଇଁ ଆମ ଜୀବନ ମଧ୍ୟକୁ ଆସନ୍ତି । କେତେ ଜଣ କେବଳ ପ୍ରଥମ ପୃଷ୍ଠା ପାଇଁ, ଆଉ କେତେ ଜଣ କେବଳ ପ୍ରଥମ ଅଧ୍ୟାୟ ପାଇଁ ଓ ଖୁବ୍ ଅଳ୍ପ ଲୋକ ଆମ ଜୀବନର ସମଗ୍ର କାହାଣୀ ପାଇଁ ଉଦ୍ଦିଷ୍ଟ ଥାଆନ୍ତି । ସେଥିପାଇଁ, ଯେତେବେଳେ ଈଶ୍ୱର କେତେକ ଲୋକଙ୍କୁ ଆମ ଜୀବନରୁ ଚାଲିଯିବା ପାଇଁ ଅନୁମତି ଦିଅନ୍ତି, ସେତେବେଳେ ଦୃଢ଼ ରହନ୍ତୁ । ଈଶ୍ୱର ଜାଣନ୍ତି ଓ ଏହାର ଏକ ଯୁକ୍ତିଯୁକ୍ତ କାରଣ ଅଛି ।

ବେଳେବେଳେ ଈଶ୍ୱରଙ୍କ ପରାକ୍ରମୀ ହସ୍ତ ଆମକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରୁଥିବା ଭଳି ଆମେ ଅନୁଭବ କରିପାରୁ । ଏହା ଆପଣଙ୍କୁ ବିନାଶ କରିବା ପାଇଁ ନୁହେଁ, ମାତ୍ର ଗଠନ କରିବା ପାଇଁ ଉଦ୍ଦିଷ୍ଟ ଅଟେ ।

୧ ପିତର ୫:୬ କହିଛି, **"ଅତଏବ, ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନତ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ ।"** ଆସନ୍ତୁ, କିପରି ଆମ ଜୀବନରେ ପ୍ରଭୁଙ୍କର ବଳବନ୍ତ ହସ୍ତ ରହିପାରେ, ତାହା ଆମେ ଦେଖିବା ।

ଯଦି ଆମେ ଆମର ଜୀବନ, ସ୍ୱପ୍ନ ଓ ସ୍ଥାନକୁ ଈଶ୍ୱରଙ୍କର ପରାକ୍ରମୀ ହସ୍ତ ଅଧୀନରେ ରଖିବା, ତେବେ ଉପରୋକ୍ତ ସମସ୍ତ ଆଶୀର୍ବାଦ ସଫଳ ହେବ ।

***


## ଜରୁରୀ ଆବଶ୍ୟକ

**ଉପାଧ୍ୟକ୍ଷ**

ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ
"ଆହ୍ୱାନର ପ୍ରତିଧ୍ୱନି"ର ଏକ ଅନୁଷ୍ଠାନ
ବିଜୟନଗରମ, ମେଡ଼ାଭକ୍କମ୍,
ଚେନ୍ନାଇ - ୧୦୦

ଆମେ ଯୋଗ୍ୟ, ଅଭିଜ୍ଞ, ସମର୍ପିତ, ପରିଶ୍ରମୀ ଓ ମିଶନ କୈନ୍ଦ୍ରିକ ଖ୍ରୀଷ୍ଟିଆନ ଆବଶ୍ୟକ କରୁଅଛୁ ।

Bio-data ସହିତ ଆବେଦନ କରନ୍ତୁ –

**E.mail : sam@echoofhiscall.org**
**WhatsApp : (+91) 98410 71858**



# URGENT

We require approximately 1000 Hindi Christian books for **our Nehemiah Bible Colleges**. Kindly inform us about the possibility of obtaining theological Hindi books.

Please stop sending books in English and Tamil languages. Thank you.

\- Pr. S. Sam Selva Raj, Editor
+91-98412 71858



# URGENT NEED

**VICE PRINCIPAL & Teachers for**

**ST. PAUL'S MATRICULATION SCHOOL,**
**An *Echo of His Call* Institution**
**Vijayanagaram, Medavakkam, Chennai - 100.**

We need well qualified, experienced, dedicated, hard working and mission oriented Christians.

Apply with Bio-data to
E.mail: sam@echoofhiscall.org
WhatsApp: (+91) 98412 71858



# WANTED for

**NEHEMIAH BIBLE COLLEGE**
**of ECHO OF HIS CALL, Chennai**
**(ATA Candidate)**

**DEAN (Residential):**
Hindi Theologian with M.Div. / M.Th. Degree & experience. Boarding, Lodging and Salary will be paid.

Eligible candidates may send bio--data to:

E.mail: sam@echoofhiscall.org
WhatsApp: (+91) 98412 71858

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ‘‘ଆହ୍ୱାନର ପ୍ରତିଧ୍ୱନି ୟୁ–ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### 1. Bank : State Bank of India

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### 2. Bank : ICICI Bank

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### 3. Bank : State Bank of India

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

**୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।**

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 19th FEBRUARY 2024.
If un-delivered please return to:
**ECHO OF HIS CALL (ODIA)**
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**